# ପିନୋକିଓ

Bakul Books



# ପିନୋକିଓ

**କାର୍ଲୋ କଲୋଡି**

**ପୁନଃ କଥନ**

ଜୁଲିଆ କାପୋନେରି ଓ ମାରିଆ ମନୋନି

**ଅନୁବାଦ**

ସବିତା ପଟ୍ଟନାୟକ ଓ ଅମିୟ ପଟ୍ଟନାୟକ

**ଚିତ୍ର**

ତନୁଷ୍, ତିଷ୍ୟା, ଦିବ୍ୟମ୍, ଗୀତିଙ୍କା, ଅଦିତି, ମାନ୍ଭୀ, ଶ୍ରେୟା, ଅମନ୍,
ଆଞ୍ଜେଲିନା, ଦନିତା, ପୋର୍ଙ୍କାମନ୍, ଚଟ୍ଚାନନ୍, ନପ୍ପାରୁତ୍, ଦାରାଓ୍ୱାଡି

Bakul Books

ଦେଶ ବିଦେଶର ଶିଶୁ କାହାଣୀ

**ପିନୋକିଓ**

Pinocchio

© ବକୁଳ ଫାଉଣ୍ଡେସନ୍

ପ୍ରଥମ ସଂସ୍କରଣ ୨୦୧୬

ପୃଷ୍ଠା- ୨୪

ମୂଲ୍ୟ- ଟ.୪୦/-

**ମୂଖ୍ୟ ସମ୍ପାଦକ**

ଦାଶ ବେନହୁର

**ସମ୍ପାଦକ**

ସ୍ୱାଗତିକା ସେଠୀ

**ପ୍ରକାଶକ**

ଯତୀନ୍ଦ୍ର କୁମାର ନାୟକ

ବକୁଳ ଫାଉଣ୍ଡେସନ୍

୧୬ ସତ୍ୟ ନଗର, ଭୁବନେଶ୍ୱର- ୭୫୧୦୦୭

ଦୂରଭାଷ- ୯୨୩୮୪୦୪୦୪୦

**ମୁଦ୍ରକ**


ଏବି ଇମାଜିଙ୍ଗ ଏଣ୍ଡ ପ୍ରିଣ୍ଟସ୍

୬୨-୬୩, ଗଙ୍ଗ ନଗର, ୟୁନିଟ୍- ୬


ଭୁବନେଶ୍ୱର- ୭୫୧୦୦୩

E-mail: contactbakul@gmail.com
Website: www.books.bakul.org






ଜେପେଟୋ ବଢ଼େଇ ଅନେକ ଦିନରୁ କାଠ
କଣ୍ଢେଇଟିଏ ତିଆରି କରିବାକୁ ଚାହୁଁ ଥିଲା ।
ଦିନେ ସିଏ ସେଥି ପାଇଁ ଠିକ୍ କାଠ ଖଣ୍ଡେ ପାଇଲା ।





ସେଇ କାଠ ଖଣ୍ଡରେ ସେ ପ୍ରଥମେ କଣ୍ଢେଇର ମୁଣ୍ଡ ଓ ନାକ ତିଆରି କଲା । ଗଢୁ ଗଢୁ ନାକଟି ଲମ୍ବିବାକୁ ଲାଗିଲା । (ଲମ୍ବା...ଆହୁରି ଲମ୍ବା... । ଶେଷରେ ନାକଟି ବହୁତ ଲମ୍ବା ହୋଇଗଲା ।) ଏହା ଦେଖି ଜେପେଟ୍ଟୋ ଆଶ୍ଚର୍ଯ୍ୟ ହୋଇଗଲା । ସେଇ କଣ୍ଢେଇଟିର ନାଁ ସେ ପିନୋକିଓ ରଖିଲା ।




ହଠାତ୍ ସେ କାଠକଣ୍ଢେଇଟି ଡିଆଁ ମାରି ଘରୁ ବାହାରକୁ ଦଉଡ଼ି ପଳାଇଲା । ବିଚରା ଜେପେଟ୍ଟୋ କାନ୍ଦି କାନ୍ଦି ଡାକ ପକାଇଲା, "ପିନୋକିଓ... ତୁ ଫେରି ଆ ।"

କିଛି ସମୟ ପରେ ପିନୋକିଓ ଘରକୁ ଫେରି ଆସି ନିଆଁ ପାଖରେ ବସିଲା । ଗୋଟେ ଝିଣ୍ଟିକା ଆସି ଭଣ ଭଣ ହୋଇ ତାକୁ କହିଲା, "ତୁ ଗୋଟେ ମୂର୍ଖ କାଠକଣ୍ଢେଇ ।" 'ଏହା ଶୁଣି ପିନୋକିଓ ରାଗି ଯାଇ କହିଲା,"ନା, ମୁଁ କଣ୍ଢେଇ ନୁହେଁ । ମୁଁ ଗୋଟେ ପୁଅ ।"



ହେଲେ ଝିଣ୍ଟିକା କହିଲା, "ନା ତୁ ପୁଅ ନୋହୁଁ , ଗୋଟେ ଚଗଲା କାଠକଣ୍ଢେଇ । ଭଲ ସ୍ୱଭାବର କାଠକଣ୍ଢେଇ ହିଁ ସତ ସତିକା ପୁଅ ହୋଇ ପାରନ୍ତି ।"


କିଛି ସମୟ ପରେ ଜେପେଟୋ ଘରକୁ ଫେରିଲା । ପିନୋକିଓକୁ ଘରେ ଦେଖି ସେ ଖୁବ୍ ଖୁସି ହୋଇ ଗଲା । ପିନୋକିଓ ଜେପେଟୋକୁ କହିଲା, "ବାପା ମୁଁ ସତ ସତିକା ପୁଅ ହେବାକୁ ଚାହେଁ ।"




ଜେପେଟୋ କାହିଲା, "ବାଃ ! ଖୁବ୍ ଭଲ କଥା । ତାହା ହେଲେ ତୁ ଏଥର ସ୍କୁଲ ଯିବୁ ।"

ପିନୋକିଓ ସ୍କୁଲ ଯିବା ବାଟରେ ବହୁତ ଗହଳି ହୋଇଥିବାର ଦେଖିଲା । ଗହଳି ଭିତରୁ ଲୋକଟିଏ ବାହାରି ଆସି ପିନୋକିଓକୁ ପଚାରିଲା, "ତୁମେ କ'ଣ ଏଇ କଣ୍ଢେଇ ଖେଳ ଦେଖିବାକୁ ଆସିଛ ?"

ପିନୋକିଓ ମିଛରେ କହିଲା, "ହଁ, ମୁଁ କଣ୍ଢେଇ ଖେଳ ଦେଖିବାକୁ ଆସିଛି ।"








ପିନୋକିଓ ମୁଣ୍ଡକୁ
ଗୋଟେ ଦୁର୍ବୁଦ୍ଧି
ଜୁଟିଲା । ସେ ତା'ର
ସବୁ ସ୍କୁଲ୍ ବହି ବିକି
ଦେଲା । ଆଉ ସେଇ
ପଇସାରେ ଟିକେଟ୍ କିଣି
କଣ୍ଢେଇ ଖେଳ
ଦେଖିବାକୁ ଗଲା ।

ସେଠାରେ ଖେଳ ଦେଖାଉ ଥିବା ଜୋକର ପିନୋକିଓକୁ କହିଲା, "ଏ କଣ୍ଢେଇ ତୁ ଆସ୍, ଆମ ସହ ମିଶିବୁ । ଆମେ ସମସ୍ତେ ହଜି ଯାଇଥିବା କଣ୍ଢେଇଙ୍କର ଦେଶକୁ ଯାଉଛୁ । ତୁ ଆମ ସହ ସେଠାକୁ ଯିବୁ କି ?" ପିନୋକିଓ ତାଙ୍କ କଥାରେ ରାଜି ହୋଇ ଗଲା ।






ହଜି ଯାଇଥିବା କଣ୍ଢେଇଙ୍କର ଦେଶଟି ମଉଜ ମସ୍ତିର ଗୋଟିଏ ଦେଶ ଥିଲା । ପିନୋକିଓ ଅନ୍ୟ କଣ୍ଢେଇମାନଙ୍କ ସହ ମିଶି ଖୁବ୍ ମଜା କଲା ।





ଗୋଟେ ଟେଡି ଭାଲୁ ପିନୋକିଓକୁ ପଚାରିଲା,
"ତୁମେ କ'ଣ ଗୋଟେ ହଜି ଯାଇ ଥିବା କଣ୍ଢେଇ ?"
ସେ ମିଛରେ କହିଲା, "ହଁ ।"
"ମିଛ କହିବାରୁ ତା'ର ନାକ କୁଣ୍ଢେଇ ହେଲା ଓ
ଆଉ ଟିକିଏ ଲମ୍ବା ହୋଇ ଗଲା ।
ଟେଡି ପୁଣି ପଚାରିଲା, "ମୋର କେହି ନାହାନ୍ତି ।
ଆଉ ତୋ'ର ?"
ପିନୋକିଓ ମିଛରେ କହିଲା,
"ହଁ ମୋର ମଧ୍ୟ କେହି ନାହାନ୍ତି ।"
ତା' ନାକ ପୁଣି କୁଣ୍ଢେଇ ହୋଇ ଆହୁରି ଲମ୍ବିବାକୁ ଲାଗିଲା ।



ଏତିକି ବେଳେ ଝିଣ୍ଟିକାଟି ଆସି ଭଣ ଭଣ ହୋଇ କହିଲା, "ଆରେ ମୂର୍ଖ
କାଠକଣ୍ଢେଇ, ତୁ ସତ ସତିକା ପୁଅ ହେବା ପାଇଁ ଯୋଗ୍ୟ ନୋହୁଁ ।
ତୋ ବାପା ବ୍ୟସ୍ତ ହୋଇ ସମୁଦ୍ର ଆର ପାରିରେ ତୋତେ ଖୋଜୁଛନ୍ତି ।"


ଏହା ଶୁଣି ପିନୋକିଓ ବହୁତ ବ୍ୟସ୍ତ ହୋଇଗଲା ।
ସେ କହିଲା, "ମୁଁ ବାପାଙ୍କ ପାଖକୁ ଯିବାକୁ ଚାହୁଁଛି ।"
ଏତକ କହୁ କହୁ ତା' ଲମ୍ୱା ନାକ ପୁଣି ଛୋଟ ହୋଇଗଲା ।



ପାରାଟେ ପିନୋକିଓକୁ ସାହାଯ୍ୟ କରିବା ପାଇଁ ତା’ ପାଖକୁ ଉଡ଼ି ଆସିଲା । ପିନୋକିଓ ଡେଇଁ ପଡ଼ି ତା’ ପିଠିରେ ବସିଗଲା ଓ ସେମାନେ ସମୁଦ୍ର ଆରପାରି ଆଡ଼କୁ ଉଡ଼ି ଗଲେ । ପିନୋକିଓ ଜେପେଟୋକୁ ସମୁଦ୍ରରେ ଦେଖି ପାଣିକୁ ଡିଆଁ ମାରିଲା ।


ହଠାତ୍ ଏକ ବଡ଼ ଢେଉ
ଆସିଲା । ପିନୋକିଓ ତା'
ବାପାଙ୍କୁ ଆଉ ଦେଖି
ପାରିଲାନି । ସେ
ଜେପେଟ୍ଟୋଙ୍କୁ ପହଁରି
ପହଁରି ଖୋଜୁ ଖୋଜୁ
ଶେଷରେ ସେ ଏକ
ଅନ୍ଧାରିଆ ସୁଡ଼ଙ୍ଗ ଭିତରେ
ପହଞ୍ଚିଲା । ସେଇଟା
ପ୍ରକୃତରେ ଥିଲା ଏକ ତିମି
ମାଛର ପେଟ ।





ପିନୋକିଓ ସେଇ ଅନ୍ଧାରିଆ ସୁଡ଼ଙ୍ଗ
ଶେଷରେ ଜଣେ ବୁଢ଼ା ଲୋକଙ୍କୁ
ମେଜ ପାଖରେ ବସି ବହି ପଢୁଥିବାର
ଦେଖିଲା । ସେ ଖୁବ୍ ଆସ୍ତେ କରି
ଡାକିଲା, "ବାପା ।" ଜେପେଟୋ ତା'
ପୁଅକୁ ଦେଖି ଖୁସି ହୋଇଗଲା ।

ପିନୋକିଓ ଜେପେଟୋଙ୍କୁ କହିଲା,
"ବାପା ଦୁଷ୍ଟାମି ପାଇଁ ମୁଁ ଖୁବ୍ ଦୁଃଖିତ ।
ଆମେ ଏଠାରୁ କିପରି ବାହାରିବା ସେଇ
କଥା ମୁଁ ଚିନ୍ତା କରୁଛି ।"



ପିନୋକିଓ ଓ ଜେପେଟୋ ତିମି ମାଛର ଅନ୍ଧାରିଆ ପେଟରୁ ବାହାରି ଆସି ସମୁଦ୍ରକୁ ଡେଇଁ ପଡ଼ିଲେ । ସେମାନେ ପହଁରି ପହଁରି ଶେଷରେ ଏକ ସୁରକ୍ଷିତ ସ୍ଥାନର ପହଞ୍ଚିଗଲେ ।



ଘରେ ପହଞ୍ଚି ଜେପେଟ୍ଟୋ କହିଲା,
"ସତରେ ପିନୋକିଓ ତୁ ଗୋଟେ
ସୁନା କଣ୍ଢେଇ ।"

ସେଇଦିନ ରାତିରେ ସେମାନେ ଶୋଇଥିବା ବେଳେ ଏକ ପରୀ ଆସି ପିନୋକିଓ ଉପରେ ଯାଦୁ କରିଦେଲା । ପରଦିନ ସକାଳେ ଉଠି ପିନୋକିଓ ଦେଖିଲା ଯେ ସେ ଗୋଟେ ଅସଲି ପୁଅରେ ପରିଣତ ହୋଇ ଯାଇଛି । ଖୁସିରେ ପାଟି କରି ସେ କହିଲା, "ବାପା ଦେଖ, ମୁଁ ସତ ସତିକା ପୁଅ ପାଲଟି ଯାଇଛି !!!"

## ବହି ବିଷୟରେ କିଛି

ଇଟାଲିରୁ ଆସିଥିବା ଜୁଲିଆ କାପୋନେରି ଓ ମାରିଆ ମନୋନି ବକୁଳ ଫାଉଣ୍ଡେସନ୍‌ରେ ୨୦୧୩ ମସିହାରେ ସ୍ୱେଚ୍ଛାସେବୀ ଭାବେ କାମ କରୁଥିଲେ । ସେହି ସମୟରେ ସେମାନେ ପିଲାଙ୍କ ପାଇଁ ଏକ ଚିତ୍ର କର୍ମଶାଳାର ଆୟୋଜନ କରିଥିଲେ । ସେଠାରେ ପିଲାମାନେ ଇଟାଲିର ପ୍ରସିଦ୍ଧ ଶିଶୁଗଳ୍ପ ପିନୋକିଓର ଚିତ୍ରରୂପାନ୍ତର କରିଥିଲେ । ବକୁଳ ଫାଉଣ୍ଡେସନ୍ ବୁଲିବାକୁ ଆସି ଥିବା କିଛି ଇଟାଲିୟ ଛାତ୍ର ଏହି ବହିଟିର ମୁଦ୍ରଣରେ ଆର୍ଥିକ ସହଯୋଗ ମଧ୍ୟ କରିଛନ୍ତି ।

ଏହି ବହି ସହିତ ବକୁଳ ଫାଉଣ୍ଡେସନ୍ ପିଲାମାନଙ୍କ ପାଇଁ ଦେଶବିଦେଶର ପ୍ରସିଦ୍ଧ ଶିଶୁକାହାଣୀ ଚିତ୍ରିତ ବହି ମାଧ୍ୟମରେ ପ୍ରକାଶ କରୁଛି ।



## କୁନି ଚିତ୍ରକରମାନେ

ତନୁଷ୍ ବିଶ୍ୱାଳ, ନ୍ୟାସ୍‌ନାଲ୍ ପବ୍ଲିକ୍ ସ୍କୁଲ୍, ବେଙ୍ଗାଲୁରୁ

ତିଷ୍ୟା ବିଶ୍ୱାଳ, ନ୍ୟାସ୍‌ନାଲ୍ ପବ୍ଲିକ୍ ସ୍କୁଲ୍, ବେଙ୍ଗାଲୁରୁ

ଦିବ୍ୟମ୍ ଦୀପଙ୍କର ଧଳ, ଷ୍ଟୁଆର୍ଟ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର

ଗୀତିଜ୍ଞା ଅର୍ଚ୍ଚିତା, ସାଇ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର

ଅଦିତି ରାଉତ, ସାଇ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର

ଶ୍ରେୟା ସୁହାନୀ, ସାଇ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର

ଆଞ୍ଜେଲିନା, ସାଇ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର

ଅମନ୍ କୁମାର ପାଣିଗ୍ରାହୀ, ସାଇ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର

ମାନ୍‌ଭୀ ଦେନି, ସାଇ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର


ଚଟ୍‌ଚାନନ୍ ମାଇଜୁଇ, କିଟ୍ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର

ପୋର୍‌ଙ୍କାନ୍ ଥ୍ନୋଗ୍‌ନୋଇ, କିଟ୍ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର

ଦାରଓ୍ୱାଡି ଖୁମ୍‌ସାଓ୍ୱାଙ୍ଗ, କିଟ୍ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର

ଦାନିତା ରିଡ୍‌ସାଓ୍ୱାଦ୍, କିଟ୍ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର

ନପ୍ପାରୁତ୍ ଥିଆନ୍ନଗୋଏନ୍, କିଟ୍ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍, ଭୁବନେଶ୍ୱର



DLF
IPL
ICC
World cup
T20
Twenty
Test match
MS
TANUSH BISWAL
SING
SUMMER
TET
T

ପିନୋକିଓ ଗୋଟେ କାଠକଣ୍ଢେଇ, ଯିଏକି  ସତ ସତିକା ପିଲାଟିରେ ପରିଣତ ହେବାକୁ ଚାହୁଁଛି । କିନ୍ତୁ ସେ ମିଛ କହେ, ଆଉ ମିଛ କହିଲେ ତା'ର ନାକ ଲମ୍ବା ହୋଇଯାଏ । ପିନୋକିଓ କ'ଣ ସତରେ ଠିକ୍ ନାକ ଥିବା ପିଲାଟିଏ ହୋଇପାରିବ ?

ଏହା ଜାଣିବା ପାଇଁ ଚାଲ ଏଇ ବହିଟି ପଢିବା ଯାହାର ଚିତ୍ର ପିଲାମାନେ ଆଙ୍କିଛନ୍ତି ।



Rs. 40/-

Bakul Books

www.books.bakul.org